# NATIONAL NEWS BULLETIN (ODIA)

**14 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆସାମରେ ୬ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିକାଶ ଉପରେ ଦେଲେ ଗୁରୁତ୍ୱ ।

- ହିନ୍ଦୀ ଦିବସ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ।

- ଦେଶର ଭାଷା ଓ ଉପଭାଷାର ବିକାଶ ଦିଗରେ ହିନ୍ଦୀ ଭାଷା ସଂଯୋଗର ସେତୁ ବୋଲି କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ ।

# ପିଏମ୍-ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମଠାରେ ୬ହଜାର ୩୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ଏବଂ ଶିଳ୍ପ ବିକାଶ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଦରାଙ୍ଗ ଜିଲ୍ଲାର ମଙ୍ଗଲଦୋଇଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱରେ ଭାରତ ଦ୍ରୁତତମ ଅଭିବୃଦ୍ଧି ରାଷ୍ଟ୍ର ରୂପେ ପରିଗଣିତ ହୋଇଛି । ଦେଶରେ ଆସାମ ସବୁଠାରୁ ବିକାଶର ପଥରେ ସର୍ବାଗ୍ରେ ରହିଛି ବୋଲି ସେ କହିଛନ୍ତି । ବିକଶିତ ଭାରତ ଗଠନ କରିବା ଲାଗି ଦେଶ ଦ୍ରୁତ ଭାବରେ ଅଗ୍ରସର ହେଉଛି ଏବଂ ଏହାକୁ ସଫଳତା କରିବା ଦିଗରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**V/O (PM Assam Development)**

ପ୍ରଧାନମନ୍ତ୍ରୀ କହିଛନ୍ତି ଏକବିଂଶ ଶତାବ୍ଦୀର ୨୫ ବର୍ଷ ଇତିମଧ୍ୟରେ ଅତିକ୍ରମ କରିସାରିଛି ଏବଂ ଶତାବ୍ଦୀର ଅବଶିଷ୍ଟ ଭାଗରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକର ବିକାଶ ଅବସମ୍ଭାବୀ । ପ୍ରଧାନମନ୍ତ୍ରୀ କହିଛନ୍ତି ତାଙ୍କ ସରକାର ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦେଉଛି । ଏହା ବିକାଶର ଧାରାକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରି ନିଜକୁ ଗର୍ବ ଏବଂ ଗୌରବ ମନେକରିବା ସହ ଜନସାଧାରଣ ଭୋକାଲ ଫର ଲୋକାଲକୁ ଆପଣେଇବା ଲାଗି ସେ ଆସାମ ବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଭୂପେନ ହଜାରିକାଙ୍କୁ ଶ୍ରୀ ମୋଦୀ ପ୍ରଶଂସା କରି କହିଛନ୍ତି ସେ ଭାରତର ଏକତାକୁ ସ୍ୱର ପ୍ରଦାନ କରିଛନ୍ତି । ଭୂପେନ ହଜାରିକାଙ୍କୁ ପ୍ରଦାନ କରାଯାଇଥିବା ଭାରତରତ୍ନ ଉପାଧି' ଉତ୍ତର ପୂର୍ବାଞ୍ଚଳ ପ୍ରତି ସରକାରଙ୍କର ପ୍ରାଥମିକତାର ଏହା ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି । ଦରାଙ୍ଗଠାରେ ପ୍ରଧାନମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ସମ୍ବର୍ଦ୍ଧିତ କରିଥିଲେ । ବିକାଶମୂଳକ ପ୍ରକଳ୍ପ ମଧ୍ୟରେ ଦରାଙ୍ଗ ମେଡ଼ିକାଲ କଲେଜ, ହସ୍ପିଟାଲ ଜିଏନ୍‌ଏମ୍ ସ୍କୁଲ ଏବଂ ବିଏସ୍‌ସି ନର୍ସିଂ କଲେଜ ରହିଛି । ଏହା ଚିକିତ୍ସା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଦୃଢ଼ୀଭୂତ କରିବ ବୋଲି ସେ ସୂଚନା ଦେଇଛନ୍ତି ।

**V/O (PM Medical Seat)**

ସେହିପରି ଗୌହାଟୀ ରିଙ୍ଗରୋଡ଼ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରି ଶ୍ରୀ ମୋଦୀ କହିଛନ୍ତି ଏହା ସହରାଞ୍ଚଳରେ ଯାତାୟତ, ଟ୍ରାଫିକ ସୁପରିଚାଳନା, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି କରିବ । ଏଥିସହିତ ସେ ବ୍ରହ୍ମପୁତ୍ର ନଦୀ ଉପରେ କୁରୁଓ୍ୱା-ନରେଙ୍ଗୀ ସେତୁର ଶିଳାନ୍ୟାସ କରିଥିଲେ । ଏହା ସେହି ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ଯୋଗାଯୋଗ ବ୍ୟବସ୍ଥାରେ ଅଭିବୃଦ୍ଧି ଘଟାଇବ ।

ପରେ ଶ୍ରୀ ମୋଦୀ ଗୋଲାଘାଟସ୍ଥିତ ନୁମାଲିଗଡ ରିଫାଇନରି ପ୍ଲାଣ୍ଟରେ ଆସାମ ବାୟୋଏଥାନଲ ପ୍ଲାଣ୍ଟର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱଚ୍ଛଶକ୍ତି ଏବଂ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ଏହି କମ୍ପାନୀ

ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହାଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସଂପୃକ୍ତ ଅଞ୍ଚଳର ସାମାଜିକ ଅର୍ଥନୈତିକ ବିକାଶ ହୋଇପାରିବ ।

## ହିନ୍ଦୀ ଦିବସ – ପିଏମ୍, ଶାହା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହିନ୍ଦୀ ଦିବସ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି ହିନ୍ଦୀ ଭାଷା କେବଳ ଏକ ଭାବ ଆଦାନ ପ୍ରଦାନର ମାଧ୍ୟମ ନୁହେଁ ବରଂ ଭାରତୀୟ ସମୃଦ୍ଧ ଐତିହ୍ୟର ପରିଚୟ ଓ ମୂଲ୍ୟବୋଧକୁ ବହନ କରେ । ହିନ୍ଦୀ ଭାଷା ଆମ ପାଇଁ ଖୁବ୍ ଗର୍ବ ଏବଂ ଗୌରବର ବିଷୟ, ଯାହାକି ଆମକୁ ଦେଶ ଗଠନରେ ଅନୁପ୍ରେରିତ କରିଥାଏ । ହିନ୍ଦୀ ଭାଷା ଦେଶକୁ ଯୋଡ଼ିବାରେ ବିଶେଷ ସହାୟକ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ସମସ୍ତେ ସଂକଳ୍ପ ନେଇ ହିନ୍ଦୀ ଭାଷାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ହିନ୍ଦୀ ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ଶାହା କହିଛନ୍ତି ଦେଶର ଭାଷା ଓ ଉପଭାଷାର ବିକାଶ ନିମନ୍ତେ ହିନ୍ଦୀ ଭାଷା ଏକ ସଂଯୋଗର ସେତୁ ଭାବରେ ଉଭା ହୋଇଛି । ଏହି ଭାଷା ଜାତୀୟ ଏକତା, ସଂହତି ଓ ପ୍ରଗତିର ବାର୍ତ୍ତା ଦେଇଚାଲିଛି । ହିନ୍ଦୀ ଭାଷା ବୈଷୟିକ, ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ବିଶେଷ

ସହାୟକ ହୋଇପାରିଛି । ଶ୍ରୀ ଶାହା ଦେଶର ସ୍ୱାଧୀନତା ସଂଗ୍ରାମ ସମୟରେ ହିନ୍ଦୀ ଭାଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥିବା ଏବଂ ଦେଶବାସୀଙ୍କୁ ଏକଜୁଟ କରିବାରେ ସହାୟକ ହୋଇଥିବା କଥା ପ୍ରକାଶ କରିଛନ୍ତି । ହିନ୍ଦୀ ଭାଷା ଦେଶକୁ ସମୃଦ୍ଧ, ବିକଶିତ ଏବଂ ଭାଷାଭିତ୍ତିକ ଆତ୍ମନିର୍ଭରଶୀଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

**V/O (Amit Saha)**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ହିନ୍ଦୀ ଦିବସ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ଜୟଶଙ୍କର କହିଛନ୍ତି ଦେଶର ସାଂସ୍କୃତିକ ଏବଂ ପରମ୍ପରାକୁ ବିଶ୍ୱସ୍ତରରେ ପରିଚିତ କରିବାରେ ହିନ୍ଦୀ ଭାଷା ବିଶେଷ ସହାୟକ ହୋଇପାରିଛି ।

# ଜିଏସ୍‌ଟି ରିଫର୍ମସ ହେଲ୍‌ଥ କେୟାର

ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସ୍‌ଟି ସଂସ୍କାରର ପରବର୍ତ୍ତୀ ପୀଢ଼ି ଘୋଷଣା କରିଥିଲେ । ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଓ ସେବାକର ହ୍ରାସ କରାଯାଇ ନିମ୍ନ ଏବଂ ମଧ୍ୟମିତ୍ତ ପରିବାର ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସ୍ୱାସ୍ଥ୍ୟକ୍ଷେତ୍ରରେ ଜିଏସ୍‌ଟି ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ଦ୍ରବ୍ୟ ଓ ସେବାକରରେ ହ୍ରାସ

କରାଯାଇଛି । ପୂର୍ବରୁ ସ୍ୱାସ୍ଥ୍ୟ ଏବଂ ଜୀବନବୀମା ପ୍ରିମିୟମ ପ୍ରଦାନ କ୍ଷେତ୍ରରେ ଜିଏସ୍‌ଟି ହାର ୧୮ ପ୍ରତିଶତ ଥିବାବେଳେ ଏବେ ଏହାକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଛି । ଏହା ପଲିସି ହୋଲ୍‌ଡର ମାନଙ୍କୁ ସହାୟକ ହେବା ସହ ଦେଶରେ ବୀମା ନିଗମ କ୍ଷେତ୍ରକୁ ବ୍ୟାପକ କରିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ୩୬ଟି ଜୀବନ ରକ୍ଷାକାରୀ ଔଷଧଗୁଡ଼ିକ ଉପରେ କରମୁକ୍ତ କରାଯାଇଛି । ଫଳରେ କର୍କଟ ଚିକିତ୍ସା ଏବଂ ଦୀର୍ଘଦିନ ଧରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ଚିକିତ୍ସା କ୍ଷେତ୍ରରେ ସହାୟକ ହୋଇପାରିବ । ଏଥିସହିତ ବିଭିନ୍ନ ଔଷଧ ଏବଂ ଗଜ୍, ବ୍ୟାଣ୍ଡେଜ୍, ରୋଗ ନିର୍ଦ୍ଧାରଣ କିଟ୍, ଗ୍ଲୁକୋମିଟର୍ସ, ଥର୍ମୋମିଟର ଭଳି ଚିକିତ୍ସା ଉପକରଣ ଉପରେ କର ପରିମାଣ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

## ନାଗାଲାଣ୍ଡ ଆୱାର୍ଡ

ନାଗାଲାଣ୍ଡର ପ୍ରସିଦ୍ଧ ପର୍ବ ହର୍ଣ୍ଣବିଲ ଉତ୍ସବକୁ ଦ ୱିକ୍ ହେରିଟେଜ୍ ଆୱାର୍ଡ ତରଫରୁ ସର୍ବୋତ୍ତମ ସାଂସ୍କୃତି ସଂଗୀତ ଓ ନୃତ୍ୟ ପୁରସ୍କାର ସିଲଭର ବାନ୍ୟାନ ଆୱାର୍ଡ ପ୍ରଦାନ କରାଯାଇଛି । ଗତକାଲି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ ସମାରୋହରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ନାଗାଲାଣ୍ଡ ସଦନର ଯୁଗ୍ମ ଆବାସିକ

କମିଶନର ସାରୋନ ଲଙ୍ଗଚାରିଙ୍କୁ ପ୍ରଦାନ କରିଛନ୍ତି । ଏହି ଐତିହ୍ୟ ସମ୍ପନ୍ନ ପୁରସ୍କାର ନାଗାଲାଣ୍ଡର ସାଂସ୍କୃତିକ ଓ ପରମ୍ପରାକୁ ସୁରକ୍ଷା ସଂରକ୍ଷଣ ଏବଂ ବିକାଶ ଦିଗରେ ବିଶେଷ ସହାୟକ ହେବ ।

# କ୍ରିକେଟ : ଏସିଆ କପ୍

ଏସିଆ କପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସଂଧ୍ୟାରେ ଗ୍ରୁପ୍-ଏର ଏକ ଟି୨୦ ମ୍ୟାଚ୍‌ରେ ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଦୁବାଇରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଚଳିତବର୍ଷ ଫେବୃୟାରୀ ପରେ ପ୍ରଥମଥର ପାଇଁ ଉଭୟ ଟିମ୍ ମୁହାଁମୁହିଁ ହେବେ । ଗତ ଶୁକ୍ରବାର ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ପାକିସ୍ତାନ ୯୩ ରନ୍‌ରେ ଓମାନକୁ ପରାସ୍ତ କରିଥିବାବେଳେ ଭାରତ ତାହା ପୂର୍ବରୁ ୟୁଏଇକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା । ଗତକାଲି ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ଶହେ ଅଣଚାଳିଶ ରନ୍ କରିଥିଲା । ଏହାର ଜବାବରେ ଶ୍ରୀଲଙ୍କା ୧୪ଓଭର ୪ଟି ବଲ୍‌ରେ ମାତ୍ର ୪ଟି ୱିକେଟ୍ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା ।

## ହକି

ହକିରେ ଆଜି ସଂଧ୍ୟାରେ ହାଙ୍ଗଜୋଠାରେ ଏସିଆ କପ୍ ଟାଇଟଲ ମୁକାବିଲାରେ ଭାରତ-ଚୀନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସଂଧ୍ୟା ୫ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ସୁପର ଫୋର୍ ପର୍ଯ୍ୟାୟ ମୁକାବିଲାରେ ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ରେ ଅମୀମାଂସୀତ ରହିଥିଲା । ଅନ୍ୟଏକ ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା । ଫଳରେ ଭାରତ ଫାଇନାଲରେ ପହଞ୍ଚିଥିଲା । ଭାରତ ଦକ୍ଷିଣ କୋରିଆକୁ ୪-୨ଗୋଲ୍‌ରେ ପରାସ୍ତ କରି ସୁପର ଫୋର୍ ପର୍ଯ୍ୟାୟ ଆରମ୍ଭ କରିଥିଲେ ମଧ୍ୟ ଚୀନ୍‌ଠାରୁ ପରାସ୍ତ ହୋଇଥିଲା ।

## ଓମେନ କ୍ରିକେଟ : ଇଣ୍ଡିଆ-ଅଷ୍ଟ୍ରେଲିଆ ସିରିଜ୍

ମହିଳା କ୍ରିକେଟ୍‌ରେ ଭାରତ’ ଅଷ୍ଟ୍ରେଲିଆ ମଧ୍ୟରେ ଆଜି ନୂଆ ଚଣ୍ଡିଗଡରେ ତିନିମ୍ୟାଚ୍ ବିଶିଷ୍ଟ ଦିନିକିଆ କ୍ରିକେଟ୍ ସିରିଜ୍ ଆରମ୍ଭ ହେବ । ଆସନ୍ତା ୩୦ ତାରିଖରୁ ଗୌହାଟୀରେ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଘରୋଇ ଆଇସିସି କ୍ରିକେଟ୍ ବିଶ୍ୱକପ୍ ପାଇଁ ଏହାକୁ ପ୍ରସ୍ତୁତି ଭାବେ ବିବେଚନା କରାଯାଉଛି । ଆଜି ଅପରାହ୍ନ ଗୋଟାଏ ୩୦ ମିନିଟ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ଦଳରେ ଦୀର୍ଘଦିନ

ପରେ ରେଣୁକା ସିଂହ ସାମିଲ ହୋଇଛନ୍ତି । ଚଳିତବର୍ଷ ଭାରତୀୟ ମହିଳା ଦଳ ୧୧ଟି ଦିନିକିଆ ମଧ୍ୟରୁ ୯ଟିରେ ବିଜୟ ହାସଲ କରିଛି ।